# NATIONAL NEWS BULLETIN (ODIA)
## 7 October - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଅପରେସନ ସିନ୍ଦୂର ଅଭିଯାନରେ ଦେଶର ସେନା ରଣନୈତିକ ଦୂରଦୃଷ୍ଟି ଏବଂ ଏକତାର ବଳ ପ୍ରଦର୍ଶନ କରିଛି, କହିଲେ ରାଷ୍ଟ୍ରପତି ।
- ନୂଆଦିଲ୍ଲୀରେ ଏସିଆର ପ୍ରମୁଖ ଟେଲିକମ୍ ଏବଂ ଟେକ୍ ଇଭେଣ୍ଟ ଇଣ୍ଡିଆ ମୋବାଇଲ୍ କଂଗ୍ରେସକୁ ଆସନ୍ତାକାଲି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ୨୪ ହଜାର ୧୩୬ କୋଟି ମୂଲ୍ୟର ୪ଟି ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ କମିଟିର ଅନୁମୋଦନ ।
- ପ୍ରତିରକ୍ଷା କ୍ଷେତ୍ରରେ ନୂତନ ରୂପରେଖ ଏବଂ ବିକଶିତ ଅସ୍ତ୍ରଶସ୍ତ୍ର ନିର୍ମାଣ ଲାଗି ଆତ୍ମନିର୍ଭର ଭାରତ ଯୋଜନା ସହାୟକ ହେଉଛି, କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

ଏବଂ

- ବିହାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ରାଜ୍ୟର ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଆସନ ବୁଝାମଣା ସମ୍ପର୍କରେ ଚାଲିଛି ଆଲୋଚନା ।

## ପ୍ରେଜ୍-ଆର୍ମଡ୍‌ଫୋର୍ସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଅପରେସନ୍ ସିନ୍ଦୂର ଅଭିଯାନରେ ଦେଶର ସେନା ରଣନୈତିକ, ଦୂରଦୃଷ୍ଟି ଏବଂ ଏକତାର ବଳ ପ୍ରଦର୍ଶନ କରିଛନ୍ତି । ସେ କହିଛନ୍ତି, ଦେଶର ତିନି ସେନା ବାହିନୀ ସୀମାନ୍ତ ଅଞ୍ଚଳରେ ନିଜର ବୀରତ୍ୱ ପ୍ରଦର୍ଶନ କରି ସାହସର ସହ ପରାକ୍ରମ ଦେଖାଇ ଶତ୍ରୁ ପକ୍ଷର ମୁକାବିଲା କରିଛନ୍ତି । ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ୬୫ତମ ଜାତୀୟ ପ୍ରତିରକ୍ଷା ମହାବିଦ୍ୟାଳୟ ପାଠ୍ୟକ୍ରମ ସମାବେଶରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ମୁର୍ମୁ ଏହା କହିଛନ୍ତି । ସେ କହିଛନ୍ତି, ଭାରତ ନିଜର ସେନା ଶକ୍ତିକୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହ ଗଢ଼ିତୋଳିବା ସହ ଆଗାମୀ ଦିନରେ ଯେକୌଣସି ବିପଦର ମୁକାବିଲା କରିବା ପାଇଁ ସକ୍ଷମ ହୋଇଛି ।

## ଭିପି-ମିଟିଂ

ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ଆଜି ରାଜ୍ୟସଭାରେ ବିଭିନ୍ନ ରାଜନୈତିକ ଦଳର ସାଂସଦମାନଙ୍କ ସହ ବୈଠକ କରିଛନ୍ତି । ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟସଭା ଅଧ୍ୟକ୍ଷ ଭାବେ ଶ୍ରୀ ରାଧାକ୍ରିଷ୍ଣନଙ୍କର ଏହା ରାଜନୈତିକ ଦଳର ନେତାମାନଙ୍କ ସହ ପ୍ରଥମ ବୈଠକ । ରାଜ୍ୟସଭାରେ କିଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ମର୍ଯ୍ୟାଦାକୁ ଉଲ୍ଲଙ୍ଘନ ନ କରି ସାଂସଦମାନେ ବିତର୍କ କରିବେ ସେ ଦିଗରେ ଧ୍ୟାନ ଦେବାକୁ ଉପରାଷ୍ଟ୍ରପତି ସେମାନଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟସଭାର ନେତା ଜଗତ ପ୍ରକାଶ ନଡ୍ଡା, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ଡକ୍ଟର ଏଲ୍. ମୁରୁଗାନ, କଂଗ୍ରେସ ନେତା ପ୍ରମୋଦ ତିୱାରୀ, ଡି.ଏମ୍.କେ.ର ତିରୁଚି ଶିବା, ସମାଜବାଦୀ ପାର୍ଟିର ରାମ ଗୋପାଳ ଯାଦବ, ସି.ପି.ଆଇ.ଏମ୍.ର ଜୋନ୍ ବ୍ରିଟ୍ଟାସ୍, ଏ.ଜି.ପି.ର ବୀରେନ୍ଦ୍ର ପ୍ରସାଦ ବୈଶ୍ୟ, ଆପ୍‌ର ସଜୟ ସିଂହ, ଆର୍.ଏଲ୍.ଏମ୍.ର ଉପେନ୍ଦ୍ର ଖୁସୱାଙ୍କ ସମେତ ଅନ୍ୟାନ୍ୟ ରାଜନୈତିକ ଦଳର ନେତୃବୃନ୍ଦ ଏହି ବୈଠକରେ ଯୋଗଦେଇଥିଲେ ।

# ପିଏମ୍-ଆଇଏମ୍‌ସି ୨୦୨୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ଏସିଆର ପ୍ରମୁଖ ଟେଲିକମ୍ ଏବଂ ଟେକ୍ ଇଭେଣ୍ଟ – ଇଣ୍ଡିଆ ମୋବାଇଲ୍ କଂଗ୍ରେସକୁ ଉଦ୍‌ଘାଟନ କରିବେ । ନୂଆଦିଲ୍ଲୀର ଯଶୋଭୂମି ସମ୍ମେଳନ କେନ୍ଦ୍ରରେ ଏହି ୪ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାର ବିଷୟବସ୍ତୁ ରହିଛି, ପରିବର୍ତ୍ତନ ପାଇଁ ଉଦ୍‌ଭାବନ । ଏହି କାର୍ଯ୍ୟକ୍ରମରେ ଡିଜିଟାଲ୍ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଏବଂ ଆତ୍ମନିର୍ଭର ଭାରତକୁ ଉତ୍ସାହିତ କରିବା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ । ବିଶେଷ କରି ସିକ୍ସ-ଜି ଇକୋ ସିଷ୍ଟମ୍, ସାଇବର ସୁରକ୍ଷା, ଉପଗ୍ରହ ଯୋଗାଯୋଗ, କୃତ୍ରିମ ବୁଦ୍ଧିମତା, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଓ ଟେଲିକମ୍ ଉତ୍ପାଦନ ଭଳି ବିଷୟ ଉପରେ ସମ୍ମିଳନୀରେ ଧ୍ୟାନ କେନ୍ଦ୍ରିତ କରାଯିବ । ଆସନ୍ତାକାଲିର କାର୍ଯ୍ୟକ୍ରମ ପୂର୍ବରୁ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଚୂଡ଼ାନ୍ତ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଏହି ସମ୍ମିଳନୀରେ ଦେଢ଼ ଲକ୍ଷରୁ ଅଧିକ ପରିଦର୍ଶକ, ୭ ହଜାରରୁ ଅଧିକ ବିଶ୍ୱସ୍ତରୀୟ ପ୍ରତିନିଧି ଏବଂ ୪୦୦ରୁ ଅଧିକ ପ୍ରଦର୍ଶକ ଯୋଗଦେବାର ଆକଳନ କରାଯାଇଛି ।

# କ୍ୟାବିନେଟ୍-ବୈଷ୍ଣବ

ଅର୍ଥନୈତିକ ବ୍ୟାପାର କେନ୍ଦ୍ର କ୍ୟାବିନେଟ୍ କମିଟି ୨୪ ହଜାର ୬୩୪ କୋଟି ମୂଲ୍ୟର ୪ଟି ରେଳ ପ୍ରକଳ୍ପକୁ ଅନୁମୋଦନ କରିଛି । ଏହି ପ୍ରକଳ୍ପ ମଧ୍ୟରେ ଭୁଷାଭାଳ-ୱାର୍ଦ୍ଧା ତୃତୀୟ ତଥା ଚତୁର୍ଥ ରେଳ ଲାଇନ୍ ଗୋଣ୍ଡିଆ-ଡୋଙ୍ଗାରଗଡ଼ ଚତୁର୍ଥ ରେଳ ଲାଇନ୍ ବଦୋଦରା-ରତଲମ ତୃତୀୟ ଓ ଚତୁର୍ଥ ରେଳ ଲାଇନ୍ ଏବଂ ଇଟାର୍‌ସି-ଭୋପାଳ-ବିନା ଚତୁର୍ଥ ରେଳ ଲାଇନ୍ ଆଦି ରହିଛି । ମହାରାଷ୍ଟ୍ରର ୧୮ଟି ଜିଲ୍ଲା, ମଧ୍ୟପ୍ରଦେଶ, ଗୁଜରାଟ ଏବଂ ଛତିଶଗଡ଼ ସମେତ ୮୯୪ କିଲୋମିଟର ସୁଦୀର୍ଘ ବିବିଧ ରେଳ ଲାଇନ୍ ପ୍ରକଳ୍ପଗୁଡ଼ିକୁ କ୍ୟାବିନେଟ୍ ଅନୁମୋଦନ ଦେଇଥିବା ସୂଚନା ମିଳିଛି । ନୂଆଦିଲ୍ଲୀ ଠାରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ପ୍ରକଳ୍ପ ଗୁଡ଼ିକର ମୋଟ୍ ଲମ୍ବ ରହିଛି ୬୧୯ କିଲୋମିଟର । ସେ କହିଛନ୍ତି, ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୩ ହଜାର ୬୩୩ଟି ଗ୍ରାମକୁ ରେଳ ସଂଯୋଗୀକରଣ ହୋଇପାରିବ । ଏଥିରେ ୮୫ ଲକ୍ଷ ଲୋକ ଉପକୃତ ହେବେ । ଏଥିମଧ୍ୟରେ ଦୁଇଟି ଆକାଂକ୍ଷା ଜିଲ୍ଲା ରହିଥିବା ଜଣାପଡ଼ିଛି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା ଯାତାୟତ ଓ ପରିବହନ ସୁବିଧା ଉପଲବ୍ଧ ହେବା ସହ ଭାରତୀୟ ରେଳ

ବ୍ୟବସ୍ଥାରେ ଉନ୍ନତି ଘଟିବ । ଏ ସମ୍ପର୍କରେ ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି,

**V/O-ASHWINI-VAISGNAW--PROJECTS**

ଏହି ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଆସନ୍ତା ପାଞ୍ଚ ବର୍ଷ ମଧ୍ୟ ଶେଷ ହେବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେବା ଦ୍ୱାରା କୋଇଲା, କଣ୍ଟେନର, ସିମେଣ୍ଟ, ପାଉଁଶରେ ନିର୍ମିତ ଇଟା, ଇସ୍ପାତ ତଥା ଖାଦ୍ୟଶସ୍ୟ ଆଦି ପରିବହନ ସୁଗମ ହେବ ।

# ରାଜନାଥ-ଡିଫେନ୍ସ ସେକ୍ଟର

ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତା ନିର୍ଦ୍ଧାରିତ ନୀତି ଓ ଘୋଷଣାଠାରୁ ତ୍ୱରିତ ଗତିରେ ଅଗ୍ରସର ହେଉଥିବା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ପ୍ରତିରକ୍ଷା କ୍ଷେତ୍ରର ଆତ୍ମନିର୍ଭରଶୀଳତା ଏହାର କାର୍ଯ୍ୟ, ପ୍ରଭାବ ମାଧ୍ୟମରେ ଜଣାପଡିଛି ଏବଂ ସାରା ବିଶ୍ୱ ଏହାକୁ ଗ୍ରହଣ କରିଛି । ଆଜି ନୂଆଦିଲ୍ଲୀରେ ରକ୍ଷା ନବାଚାର ସମ୍ବାଦର କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ସିଂହ କହିଛନ୍ତି ଆଧୁନିକ, ଯୁଦ୍ଧକୌଶଳକୁ କିଭଳି ଭାବେ ପ୍ରଯୁକ୍ତିବିଦ୍ୟା ସମ୍ବଳିତ କରାଯାଇପାରିବ ଓ ସେ କ୍ଷେତ୍ରରେ କେଉଁ ପଦକ୍ଷେପ ନେବାକୁ ପଡିବ ସରକାର ସେ ସମ୍ପର୍କରେ ସଚେତନ ଅଛନ୍ତି । ସେ କହିଛନ୍ତି ପ୍ରତିରକ୍ଷା କ୍ଷେତ୍ରରେ ନୂତନ ରୂପରେଖ

ଏବଂ ବିକଶିତ ଅସ୍ତ୍ରଶସ୍ତ୍ର ନିର୍ମାଣ ଲାଗି ଆତ୍ମନିର୍ଭର ଭାରତ ଯୋଜନା ସହାୟକ ହେଉଛି ।

ଶ୍ରୀ ସିଂହ କହିଛନ୍ତି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଘରୋଇ ପୁଞ୍ଜି ଅଧିଗ୍ରହଣ ୨୦୨୧-୨୨ରେ ୭୪ହଜାର କୋଟି ଟଙ୍କା ଥିବାବେଳେ ୨୦୨୪-୨୫ରେ ଏହା ୧ଲକ୍ଷ ୨୦ହଜାର କୋଟି ଟଙ୍କାରେ ପହଞ୍ଚିଛି । ଶ୍ରୀ ସିଂହ କହିଛନ୍ତି ଦେଶରେ ୧ଲକ୍ଷ ୫୦ହଜାର କୋଟି ଟଙ୍କାର ଉତ୍ପାଦନ ଲକ୍ଷ୍ୟ ହାସଲ ହୋଇଥିବାବେଳେ ପ୍ରତିରକ୍ଷା ରପ୍ତାନୀ ୨୪ହଜାର କୋଟି ଟଙ୍କା ଅତିକ୍ରମ କରିଛି । ଏହି ଅବସରରେ ଶ୍ରୀ ସିଂହ ଆଇଡେକ୍ସ ସମ୍ପର୍କରେ କହିଛନ୍ତି ।

**V/O (2-RAJNATH-ON-TECHNOLOGY)**

# ବିହାର ପଲିଟିକାଲ୍

ବିହାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ରାଜ୍ୟର ଶାସକ ଦଳ ତଥା ବିରୋଧୀ ମେଣ୍ଟ ପକ୍ଷରୁ ଆସନ ବୁଝାମଣା ପ୍ରସଙ୍ଗରେ ଆଲୋଚନା ଚାଲିଛି । ଏନ୍.ଡି.ଏ.ର ବରିଷ୍ଠ ବିଜେପି ନେତାମାନେ ସେମାନଙ୍କ ମେଣ୍ଟ ସହଯୋଗୀ ଦଳ ଲୋକ ଜନଶକ୍ତି ପାର୍ଟି (ରାମବିଲାଶ) ଏବଂ କେନ୍ଦ୍ର ମନ୍ତ୍ରୀ ଜିତନ ରାମ ମାଝୀଙ୍କ ହିନ୍ଦୁସ୍ଥାନୀ ଆୱାମ୍ ମୋର୍ଚ୍ଚା ଦଳ ସହ ଆସନ ବୁଝାମଣା ସମ୍ପର୍କରେ କଥାବାର୍ତ୍ତା କରୁଛନ୍ତି ।

ବିହାରର ବିଜେପି ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନ, ଲୋକଜନଶକ୍ତି ପାର୍ଟି ନେତା ଚିରାଗ୍ ପାଶଓ୍ୱାନ୍ ଏବଂ ଜିତନରାମ ମାଞ୍ଝୀଙ୍କ ସହ ଆଲୋଚନା କରିଛନ୍ତି । ବିଜେପି ରାଜ୍ୟ ସଭାପତି ଡକ୍ଟର ଦୀଲିପ ଜୟସ୍ୱାଲ ଦିନେ ଦୁଇଦିନ ମଧ୍ୟରେ ଚୂଡ଼ାନ୍ତ ଆସନ ବୁଝାମଣା ସାର୍ବଜନୀନ କରାଯିବ ବୋଲି କହିଛନ୍ତି । ରାଷ୍ଟ୍ରୀୟ ଜନତା ଦଳ ଏବଂ କଂଗ୍ରେସ ମଧ୍ୟରେ ହୋଇଥିବା ମହା ଗଠବନ୍ଧନ ମେଣ୍ଟ ଆସନ ବୁଝାମଣା ସମ୍ପର୍କରେ ଆଲୋଚନା ଜାରି ରଖିଛି । ମହାମେଣ୍ଟର ନିର୍ବାଚନ ସଂଯୋଜକ କମିଟିର ମୁଖ୍ୟ ତେଜସ୍ୱୀ ଯାଦବ କଂଗ୍ରେସ, ବିକାଶଶୀଳ ଇନ୍‌ସାନ୍ ପାର୍ଟି, ସି.ପି.ଆଇ.(ଏମ୍.ଏଲ୍.), ସି.ପି.ଆଇ. ଏବଂ ସି.ପି.ଏମ୍. ଦଳ ସହ ଘନ ଘନ ବୈଠକ କରିଛନ୍ତି । ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୧୨୧ଟି ବିଧାନସଭା ଆସନ ପାଇଁ ଆସନ୍ତା ୧୦ ତାରିଖରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି ।

## ପିଏମ୍-୨୫ ଇୟର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଗତ ୧୧ ବର୍ଷ ମଧ୍ୟରେ ଭାରତରେ ଘଟିଥିବା ପରିବର୍ତ୍ତନକୁ ସମଗ୍ର ବିଶ୍ୱ ଦେଖିଛି । ମହିଳା, ଯୁବବର୍ଗ ଏବଂ କୃଷକମାନଙ୍କୁ ସଶକ୍ତ କରିବା ସହ ୨୫କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକୁଳାଇବା କ୍ଷେତ୍ରରେ ଦେଶ ଅନେକ ପ୍ରଗତି କରିଛି ।

ସାମାଜିକ ଗଣମାଧ୍ୟମର ଏକାଧିକ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱ ଅର୍ଥନୀତିରେ ଭାରତ ଏକ ଉଜ୍ଜ୍ୱଳ ତାରକା ଭାବେ ଉଭା ହୋଇଛି ।

## ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ଡି.ବି.ଟି. କ୍ଷେତ୍ରରେ ସରକାର ୪ ଲକ୍ଷ ୩୧ ହଜାର କୋଟି ଟଙ୍କା ସଂଚୟ କରିପାରିଛନ୍ତି । ମୁମ୍ବାଇର ଗିଫ୍ଟ ସିଟି ସ୍ଥିତ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟିଭାଲ୍‌ରେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ବୈଦେଶିକ ମୁଦ୍ରା ସେଟେଲ୍‌ମେଣ୍ଟ ସିଷ୍ଟମ୍‌ର ଉନ୍ମୋଚନ କରିବା ଅବସରରେ ଏହା କହିଛନ୍ତି । ବ୍ୟାଙ୍କିଙ୍ଗ୍, ଅର୍ଥନୀତି, ଆଧାର, ୟୁପିଆଇ, ଡିଜି ଲକର୍ ତଥା କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ସମ୍ପର୍କରେ ଅର୍ଥମନ୍ତ୍ରୀ ଆଲୋକପାତ କରିଛନ୍ତି ।